# Akashvani, Sambalpur

## SAMBALPURI NEWS EVENING BULLETIN

## 3 November 2025- 7.02 pm- 7.12 pm.

*********************************************

୧- ଭାରତ୍  ପ୍ରଯୁକ୍ତି ବିଦ୍ୟାର୍ ପରିବର୍ତନ୍ ଦିଗେ ଆଗ୍‌ଧାଡ଼ିର୍ ଭୂମିକା ନଉଛେ କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- କେନ୍ଦ୍ର ସର୍‌କାର୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଓଡ଼ିଶାର୍ ପଂଚାୟତିରାଜ୍ ଅନୁଷ୍ଠାନ୍‌ମାନ୍‌କୁ ଦେଲେ ୪ ଶହ ୪୪ କୋଟି ନୁ ଅଏତ୍‌କା ଟଙ୍କାର୍ ଅନୁଦାନ ।

୩- ପୁରୀ ଶ୍ରୀମନ୍ଦିର୍ ନ ପଂଚ୍‌କ ଅବ୍‌ସରେ ତ୍ରିବିକ୍ରମ୍ ବେଶଥି ଦର୍ଶନ୍ ଦେଲେ ମାହାପୁରୁ ।

ଆଉର୍

୪- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ଚାଲିଛେ ଜୋର୍‌ଦାର୍ ପ୍ରଚାର୍ ।

ଭାରତ୍ ଇହାଦେ ଖାଲି ପ୍ରଯୁକ୍ତି ବିଦ୍ୟାର୍ ଉପଭୋକ୍ତା ହେଇକରି ନାଇଁ ରହି, ପ୍ରଯୁକ୍ତି ବିଦ୍ୟାର୍ ପରିବର୍ତ୍ତନ୍ ଦିଗେ ଆଗ୍‌ଧାଡ଼ିର୍ ଭୂମିକା ନଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ବିଜ୍ଞାନ୍ ଆଉ ପ୍ରଯୁକ୍ତିବିଦ୍ୟାର୍ ନବସୃଜନ ସମ୍ମିଳନୀକେ ଆଏଜ୍ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଦେଶେ ଗୁଟେ ଆଧୁନିକ୍ ନୂଆଁ ସୃଜନ୍ ଇକୋ ସିଷ୍ଟମ୍ ତିଆର୍ କର୍‌ବାର୍ ଲାଗି ସର୍‌କାର୍ ଗବେଷଣାକେ ସହଜ୍ କର୍‌ବାର୍ ଉପ୍‌ରେ ଧ୍ୟାନ୍ ଦଉଛନ୍ । ଦେଶେ ଇହାଦେ ପୁର୍‌ଥିର୍ ସବୁନୁ ବଡ଼ ସଫଲ୍ ଡିଜିଟାଲ୍ ଭିତିଭୂମି ତିଆର୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ୧ ଲାଖ୍ କୋଟି ଟଙ୍କାର୍ ଗବେଷଣା ବିକାଶ ଆଉ ନୂଆଁ ସୃଜନ୍ ଭିତିକ ପ୍ରକଳ୍ପର୍ ଶୁଭାରମ୍ଭ କରିକରି କହିଛନ୍,

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା କିଛି ବଛର୍ ଭିତ୍‌ରେ ଭାରତ୍ ସବୁଜ ହାଇଡ୍ରୋଜେନ୍, କ୍ୱାଂଟମ୍ କମ୍ପ୍ୟୁଟିଙ୍ଗ୍, ଗଭୀର୍ ସାମୁଦ୍ରିକ ଆଉ ଜଟିଳ ଖଣିଜ ଦରବ ଦିଗେ ଗବେଷଣାକେ ସର୍‌କାର୍ ଜୋର୍ ଦଉଛନ୍ । ଏକବିଂଶ ଶତାବ୍ଦୀ ଗୁଟେ ବଡ଼ ପରିବର୍ତ୍ତନ୍‌ର ସମିଆ ହେଇଛେ । ସାରା ପୁର୍‌ଥି ଭାରତ୍‌ର

ପରିବର୍ତନ୍‌କେ ଅପ୍‌ନେଇକରି ଅନୁକରଣ୍ ଭିଲ୍ କରୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଓଡ଼ିଶାକେ କେନ୍ଦ୍ର ପଂଚାୟତିରାଜ୍ ସହାୟତା ଏନ୍‌ଏସ୍‌ଡି/ପିଆଇବି

୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଓଡ଼ିଶାର୍ ପଂଚାୟତିରାଜ୍ ଅନୁଷ୍ଠାନ୍‌ମାନ୍‌କୁ ଆଏଜ୍ କେନ୍ଦ୍ର ସର୍‌କାର୍ ପଂଚଦଶ ଅର୍ଥ କମିଶନ୍ ଜରିଏ ୪ ଶହ ୪୪ କୋଟି ନୁ ଅଏତ୍‌କା ଟଙ୍କାର୍ ଅନୁଦାନ୍ ଯୁଗେଇ ଦେଇଛନ୍ । ପଂଚାୟତିରାଜ୍ ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଅନାବନ୍ଧ ପାଣ୍ଠିର୍ ୨ ନମ୍ବର୍ କିସ୍ତିଥି ରାଜ୍ୟର୍ ୨୦ ଟା ଜିଲ୍ଲା ପରିଷଦ୍, ୨ ଶହ ୯୬ ଟା ପଂଚାୟତ୍ ସମିତି ଆଉ ୬ ହଜାର୍ ୭ ଶହ ୩୪ ଟା ଗ୍ରାମ୍‌ପଂଚାୟତ୍‌କେ ୩ ଶହ ୪୨ କୋଟି ନୁ ଅଏତ୍‌କା ଟଙ୍କା ଦିଆଯାଇଛେ । ଇତାର୍‌ସହେତେ ଇ ବଛ୍‌ର ଲାଗି ପହେଲା କିସ୍ତିର୍  ମୁକ୍ତ ଅନୁଦାନ୍‌ର ବାକି ଟଙ୍କା ଆକାରେ ଶହେ ୧ କୋଟି ନୁ ଅଏତ୍‌କା ଟଙ୍କା ୨୦ ଟା ଜିଲ୍ଲା ପରିଷଦ୍, ୨ ଶହ ୩୩ ଟା ପଂଚାୟତ୍ ସମିତି ଆଉ ୬ ଶହ ୪୯ ଟା ଗ୍ରାମ୍ ପଂଚାୟତ୍‌କେ ଯୁଗେଇ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଅର୍ଥ ମନ୍ତ୍ରଣାଲୟ ତର୍‌ଫୁ ଫି’ ବଛର୍ ୨ ଟା କିସ୍ତିଥି ଇ ଟଙ୍କା ଦିଆଯାଏସି । କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ପଂଚାୟତିରାଜ୍ ମନ୍ତ୍ରଣାଲୟ ଆଉ ଜଳଶକ୍ତି ମନ୍ତ୍ରଣାଲୟ ଜରିଏ

ପଂଚାୟତିରାଜ୍ ଅନୁଷ୍ଠାନ୍ ମାନ୍କୁ ପଂଚଦଶ ଅର୍ଥ ଆୟୋଗ୍ ଜରିଏ ଇ ଅନୁଦାନ୍ ଦେବାର୍କେ ସୁପାରିଶ୍ କରାଯାଏସି ।

ରାଜ୍ୟପାଲ୍- ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ I&PR

ସ୍କୁଲ୍ ଝିଅମାନ୍କର୍ ଭିତ୍ରେ ଦେଖାଦେଉଥିବା ରକ୍ତହୀନତା ଦୂର୍ କର୍ବାର୍ ଲାଗି ରାଜ୍ୟପାଲ୍ଙ୍କର୍ ତର୍ଫୁ ଆଏଜ୍ଠାନୁ ୨ ମାସିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ ମୁଳ୍ କରାଯାଇଛେ । କାର୍ଯ୍ୟକ୍ରମ୍ଥି ଛାତ୍ରୀମାନ୍କୁ ବିଟ୍, ଗାଜର୍ ଜୁସ୍ ଆଉ ବାଦାମ୍ ଚିକି ବଂଟାଯାଇଛେ । ଭୁବ୍ନେଶ୍ୱର୍ କେପିଟାଲ୍ ବାଳିକା ଉଚ୍ଚବିଦ୍ୟାଳୟକେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆଏଜ୍ ପରିଦର୍ଶନ୍ କରିକରି କାର୍ଯ୍ୟକ୍ରମ୍ର ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍ପାଟି ଛାତ୍ରୀମାନ୍କର୍ ସାଙ୍ଗେ କଥାବାର୍ତା ହେଇକରି ସରଲ୍ ଖାଦ୍ୟ ଅଭ୍ୟାସ୍ ଜରିଏ ସ୍ୱାସ୍ଥ୍ୟଥି ବଡ଼ ପରିବର୍ତନ୍ ଅନାଯାଇପାର୍ବା ବଲି କହିଛନ୍ ।

କୃଷି ବିଭାଗ୍- ପେକ୍ସ ମାର୍ଗଦର୍ଶିକା ହି.ସ.

ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନ୍କର୍ କେଡ଼ର୍ ନିୟମାବଲୀ କାର୍ଯ୍ୟକାରୀ କର୍ବାର୍ ଲାଗି ବିଭାଗ୍ ତର୍ଫୁ

ମାର୍ଗଦର୍ଶିକା ଜାରି କରାଯାଇଛେ । ସେମାନ୍‌କର୍ ନିଯୁକ୍ତି, ବଦ୍‌ଲି, ପଦୋନ୍ନତି ଆଉ ଶୃଙ୍ଖଳାଗତ କାମ୍‌କାଜ୍‌କେ ଫଟିକ୍ ଆଉ ଦାୟିତ୍ୱ ସମ୍ପନ୍ନ କର୍‌ବାର୍ ଲାଗି ନୂଆଁ ବ୍ୟବସ୍ଥା କର୍‌ବାର୍‌କେ ମାର୍ଗଦର୍ଶିକାଥି କୁହାଯାଇଛେ । ମାର୍ଗଦର୍ଶିକା ଅନ୍‌ସାରେ ପେକ୍ସ ଆଉ ଲେମ୍ପ୍ସ ମାନ୍‌କର୍ ସମ୍ପାଦକ ନିଯୁକ୍ତି, ବଦ୍‌ଲି ଆଉ ଶୃଙ୍ଖଳାଗତ କାମ୍‌କାଜ୍‌ର ତଦାରଖ୍ କର୍‌ବାର୍ ଲାଗି ଜିଲ୍ଲାସ୍ତର୍‌ଥି ଗୁଟେଲେଖା କମିଟି ଗଠନ୍ କରାଯିବା । ଜିଲ୍ଲାପାଳ କମିଟିର୍ ଅଧ୍ୟକ୍ଷ ରହେବେ ।

ବେଙ୍କ୍ ଟଙ୍କା- ତଥ୍ୟ ଦାଖଲ୍ ଆର୍‌ଏନ୍‌ୟୁ/ କଟକ୍

ବେଙ୍କ ମାନ୍‌କେ ଖର୍ଚ୍ଚା ନାଇଁହେଇପାରୁଥିବା ସର୍‌କାରୀ ଟଙ୍କାର୍ ସବୁ ତଥ୍ୟ ଦାଖଲ୍ କର୍‌ବାର୍ ଲାଗି ଅର୍ଥ ବିଭାଗ୍ ତର୍‌ଫୁ ସବୁ ବିଭାଗ୍ ମାନ୍‌କୁ ଚିଠି କରାଯାଇଛେ । ବିଭାଗ୍‌ର ୱେବ୍‌ସାଇଟ୍‌ଥି ବଜେଟ୍.ଜିଓଭି.ଇନ୍ ଥି ତଥ୍ୟ ଦାଖଲ୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ସର୍‌କାର୍‌ଙ୍କର୍ ସବୁ ନିର୍ଦ୍ଦେଶାଳୟ, କମିଶନରେଟ୍ ସହେତେ ସୋସାଇଟି, ବିଶ୍ୱବିଦ୍ୟାଳୟ ବାଗିର୍ ସର୍‌କାରୀ ସଂଗଠନ୍‌କେ ତଥ୍ୟ ଦାଖଲ୍ କର୍‌ବାର୍‌କେ ଚିଠିଥି ଉଲ୍ଲେଖ କରାଯାଇଛେ ।

ଜନଗଣନା ପ୍ରଶିକ୍ଷଣ ଏକ୍ସ

୨୦୨୭ ମସିହାଥି ରାଏଜେ ହେବାର୍କେ ଥିବା ଜନଗଣନା ଲାଗି ଆଏଜ୍ଠାନୁ ରାଏଜେ ପ୍ରାକ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ପହେଲା ଖେପେ ଭୁବ୍ନେଶ୍ୱର୍, କଟକ୍ ସହେତେ ମୟୁର୍ଭଞ୍ଜ୍ ଆଉ ନବରଙ୍ଗ୍ପୁର୍ ନ ଇ ପ୍ରଶିକ୍ଷଣ୍ ମୁଲ୍ ହେଇଛେ । ଇତାର୍ସହେତେ ରାଜ୍ୟର୍ ଆଉ ୪ ଟା ଜାଗା ନ ନଭେମ୍ବର୍ ୧୦ ନୁ ୩୦ ତାରିଖ୍ତକ୍ ପ୍ରାକ୍ ଜନଗଣନା କରାଯିବା । ଇଥର ସାରା ଦେଶେ ୩୪ ଲାଖ୍ ଶିକ୍ଷକ୍ ସାମିଲ୍ ହେଇକରି ମୋବାଇଲ୍ ଆପ୍ ଜରିଏ ଜନଗଣନା କର୍ବେ ।

ଫଂଚ୍କ          ପୁରୀ/ସୁବର୍ଣ୍ଣପୁର୍ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ କାର୍ତିକ୍ ମାସର୍ ଉଜଲ୍ ପଖର୍ ତ୍ରୟୋଦଶୀ ତିଥି ଅବ୍ସରେ ଆଏଜ୍ ମାହାପୁରୁ ମାନେ ଆଏଜ୍ ତ୍ରିବିକ୍ରମ୍ ବେଶ୍ଥି ଦର୍ଶନ୍ ଦଉଛନ୍ । ଇତାର୍ ସହେତେ ଶ୍ରୀମନ୍ଦିର୍ ନ ଆଡ଼କିଆ ନୀତି ଭିଲ୍ କରାଯାଇଛେ । ଅଧାରାତି ଆଢ଼େ ବଡ଼ସିଂହାର ବେଶ ଆଉ ଗରୁଡ଼ ଉତ୍ଥାନ ନୀତି କରାଯିବା । ଇ ବଛର୍ ଦ୍ୱାଦଶୀ ତିଥି କ୍ଷୟ ହେଇଥିବାର୍ନୁ ମାହାପୁରୁଙ୍କର୍ ବାଙ୍କଚୂଡ଼ା ବେଶ କରା ନାଇଁ ଯାଇ । ଆଏବା କାଏଲ୍ ଲକ୍ଷ୍ମୀ ନୃସିଂହବେଶ ଆଉ ବୁଧବାର୍ ଦିନ ପୁନି ଅବ୍ସରେ

ମାହାପୁରୁମାନ୍କର୍ ରାଜରାଜେଶ୍ୱର ଆଉ ସୁନାବେଶ କରାଯିବା । ପଂଚ୍କ ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଭକ୍ତମାନ୍କର୍ ଜବର୍ ଭିଡ଼୍ ଲାଗିଛେ ।

ସେଆଡ଼େ ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ ଭିଲ୍ ପୁରୀ ଶ୍ରୀମନ୍ଦିର୍ ନୀତିକାନ୍ତି ଅନ୍ସାରେ ମାହାପୁରୁମାନ୍କର୍ ବେଶ ଆର୍ ନୀତି କରାଯାଇଛେ ।

ହବିଷ୍ୟାଳି- କାର୍ତିକ ବ୍ରତ ପୁରୀ ସମ୍ବାଦଦାତା

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଯାଇକରି ଶ୍ରୀକ୍ଷେତ୍ର ପୁରୀ ନ କାର୍ତିକ ବ୍ରତ ପାଲନ୍ କରୁଥିବା ହବିଷ୍ୟାଳିମାନ୍କୁ ଆଏଜ୍ ସଞ୍ଜ୍ବେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭେଟିଛନ୍ । ପୁରୀର ବୃନ୍ଦାବତୀ ହବିଷ୍ୟାଳି କେନ୍ଦ୍ର ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସାମିଲ୍ ହେଇକରି ହବିଷ୍ୟାଳିମାନ୍କର୍ ଭଲ୍ମନ୍ଦ୍ ବୁଝିଥିଲେ । ସୂଚ୍ନା ଅନ୍ସାରେ ପୁରୀର୍ ହବିଷ୍ୟାଳି ଶିବିର୍ ମାନ୍କେ ଇ ବଛର୍ ୨୫ ଶହ ନୁ ଅଏତ୍କା ହବିଷ୍ୟାଳି ରହେବାର୍ ବ୍ୟବସ୍ଥା ସହେତେ ଦର୍ଶନ୍, ମହାପ୍ରସାଦ୍ ସେବନ୍, ଭଜନ୍ କିର୍ତନ୍ ବ୍ୟବସ୍ଥା ଭିଲ୍ କରାଯାଇଛେ । ବହୁତ୍ ଦୂରୁ ଆସିଥିବା ହବିଷ୍ୟାଳିମାନେ ସର୍କାରୀ ସୁବିଧାଥି କାର୍ତିକ୍ ବ୍ରତ ପାଲନ୍ କରିଥିବାର୍ନୁ ଖୁସି ଜାହିର୍ କରିଥିଲେ ।

ନୂଆପଡ଼ା ଉପ ନିର୍ବାଚନ      ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍‌କେ ଆଉ ୮ ଦିନ୍ ବାକି ଅଛେ । ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ସହେତେ ଅଲ୍‌ଗା ଦଲ୍ ଆଉ ସ୍ୱାଧୀନ୍ ପ୍ରାର୍ଥୀମାନ୍‌କର୍ ତର୍‌ଫୁ ପ୍ରଚାର୍ ଚାଲିଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୬ ନୁ ୮ ତାରିଖ୍ ଭିତ୍‌ରେ ନୂଆପଡ଼ା ଆସିକରି ଦଲର୍ ପ୍ରାର୍ଥୀ ଜୟ ଢୋଲ୍‌କିଆଙ୍କର୍ ଲାଗି ପ୍ରଚାର୍ କର୍‌ବେ ବଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ ।

ଉପ ନିର୍ବାଚନ୍‌କେ ନେଇକରି ଆମର୍ ସମ୍ବାଦଦାତାଙ୍କର୍ ରିପୋର୍ଟ...

(ଭଏସ୍ ଓଭର୍- ନୂଆପଡ଼ା ସମ୍ବାଦଦାତା)

ନୂଆପଡ଼ା ଉପ ନିର୍ବାଚନ୍ ଆଏବା ୧୧ ତାରିଖ୍ ଗୁରୁବାର୍ ଦିନ ହେବା । ୧୪ ତାରିଖ୍ ଭୋଟ୍‌ଗନ୍‌ତି ହେବାର୍ ସହେତେ ଫଲାଫଲ୍ ବାହାର୍‌ବା ବଲି ଜନାପଡ଼ିଛେ ।

ଇକୋ ରିଟ୍ରିଟ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଆଏବା ୧୫ ତାରିଖ୍‌ନୁ ହୀରାକୁଦ୍ ସହେତେ ଦାରିଙ୍ଗ୍‌ବାଡ଼ି, ସାତକୋଶିଆ,

ଭିତର୍‌କନିକା, ପତିସୋନାପୁର୍ ଆର୍ ପୁଟ୍‌ସିଲ୍ ଠାନେ ଇକୋ ରିଟ୍ରିଟ୍ ମୁଲ୍ ହେବା । ଇଥିର୍‌ଲାଗି ବିଭାଗ୍ ତର୍‌ଫୁ ଅନ୍‌ଲାଇନ୍ ବୁକିଂ ମୁଲ୍ ହେଇଛେ । ଆଏବା ମାସ ୧୩ ତାରିଖ୍‌ନୁ କୋଣାର୍କନୁ ଇକୋ ରିଟ୍ରିଟ୍ ମୁଲ୍ ହେବା ବଲି ଜନାପଡ଼ିଛେ ।

ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ "ଅନ୍ତର୍ଜାତୀୟ ଜୈବମଣ୍ଡଳ ସଂରକ୍ଷଣ୍ ଦିବସ୍" । ପରିବେଶ୍ ଆର୍ ଲୁକ୍‌କର୍ ଭିତ୍‌ରେ ସମ୍ପର୍କକେ ବର୍‌କସ୍ କର୍‌ବାର୍ ସହେତେ ଜୈବ ବିବିଧତାର ସଂରକ୍ଷଣ୍‌ଥି ଲୋକ୍‌ମାନ୍‌କର୍ ଭୂମିକାର୍ ବାର୍ତାକେ ନେଇକରି ଇ ଦିବସ୍ ପାଲନ୍ କରାଯାଏସି । ୨୦୨୧ ମସିହାଥି ୟୁନେସ୍କୋର ସାଧାରଣ ଅଧିବେଶନ୍‌ଥି ଇ ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା ।

ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ସମ୍ବଲପୁର/ସୁବର୍ଣ୍ଣପୁର/ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ମିଲିତ୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ କାର୍ଯ୍ୟାଲୟ ନ ଜନଶୁଣାଣି ଶିବିର୍ ହେଇଛେ । ଶିବିର୍‌ଥି ୪୭ଟା ଅଭିଯୋଗ୍ ଆସିଥିଲା । ୪ ଟା ଅଭିଯୋଗ୍‌ର ତୁର୍ତି ସମାଧାନ୍ କରାଯାଇଥିବାର୍ ବେଲେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିନୁ ୩ ଝନ୍‌କୁ ୭୦ ହଜାର୍ ଟଙ୍କା ଆଉ ରେଡ୍‌କ୍ରସ୍ ତର୍ଫୁ ୨ ଝନ୍‌କୁ ଆର୍ଥିକ୍ ସାହାଜ୍ ଦିଆଯାଇଛେ । ସେନ୍ତା ଝନ୍‌କୁ ରାସନ୍‌କାର୍ଡ଼ ଆଉ ଝନେ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାର୍ ଭିଲ୍ ଦିଆଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର ବ୍ଲକ୍ ପଂଚାୟତ୍ ସମିତି କାର୍ଯ୍ୟାଲୟ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୫୯ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଳନୀ କକ୍ଷ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୦ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଗଜପତି, ଗଞ୍ଜାମ୍, ରାୟଗଡ଼ା, କୋରାପୁଟ୍, ମାଲ୍କାନ୍ଗିରିର କେତେଟା ଜାଗା ନ ଆଏବା ୨୪ ଘଂଟା ଭିତ୍ରେ ହାଲ୍କାନୁ ମଧମ୍ ଧରଣ୍ର ବର୍ଷା ହେଇପାରେ, ବାକି ଜାଗା ମାନ୍କେ ପାଗ୍ ଶୁଖା ରହେବା । ଆଏବା ଦିନେ ଦୁଇଦିନ୍ ଭିତ୍ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ କମିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।